# ପୌର ପାଳିକା କାର୍ଯ୍ୟାଳୟ : ରାଇରଙ୍ଗପୁର

ନଂ. ୩୧୮୦ ତା ୦୨/୧୧/୨୦୨୨ ରିଖ

## ବିଜ୍ଞାପନ

ଏତଦ୍ଵାରା SHG / ALF ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ରାଇରଙ୍ଗପୁର ପୌର ପରିଷଦ ଅଧିନସ୍ଥ ବିର୍ସା ମୁଣ୍ଡା ପାର୍କରେ ଥିବା ମିଶନ ଶକ୍ତି କାଫେର ଲିଜ୍ ନିମନ୍ତେ ଜଉମୁଦ ଟେଣ୍ଡର ଆହ୍ଵାନ କରାଯାଉଛି । ଯେଉଁ SHG / ALF ଏଥିରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ସେମାନେ ଆସନ୍ତା ତା୧୬.୧୧.୨୦୨୨ରିଖ ଅପରାହ୍ନ ୫ଘଟିକା ସୁଦ୍ଧା ଟେଣ୍ଡର ପକାଇପାରିବେ । ଟେଣ୍ଡରରେ ଭାଗ ନେବାକୁ ଇଚ୍ଛୁକ ଥିବା SHG / ALF ମ୍ୟୁନିସିପାଲିଟି କାର୍ଯ୍ୟାଳୟରୁ ଟେଣ୍ଡର ଫର୍ମ ଓ ଟେଣ୍ଡର ସମ୍ବନ୍ଧୀୟ ତଥ୍ୟ ଟ.୧୦୦ଙ୍କା ଦାଖଲ କରି ତା୨.୧୧.୨୦୨୨ରିଖ ଠାରୁ ତା୧୫.୧୧.୨୦୨୨ରିଖ ଅପରାହ୍ନ ୫ଘଟିକା (କାର୍ଯ୍ୟ ଦିବସ) ମଧରେ ପାଇପାରିବେ ଏବଂ ତା୧୬.୧୧.୨୦୨୨ରିଖ ଅପରାହ୍ନ ୫ଘଟିକା ମଧରେ ଟେଣ୍ଡର ବାକ୍ସରେ ପକାଇ ପାରିବେ । ଏହା ପରେ କୌଣସି ଟେଣ୍ଡର ଗ୍ରହଣ କରାଯିବ ନାହିଁ । ଜଉମୁଦ ଟେଣ୍ଡରରେ ଭାଗ ନେଉଥିବା SHG / ALF ପକାଉଥିବା ଟେଣ୍ଡର ମୂଲ୍ୟର ସଂପୂର୍ଣ୍ଣ ଟଙ୍କା ବ୍ୟାଙ୍କ ଡ୍ରାଫ୍ଟ ଆକାରରେ Executive Officer, Rairangpur Municipality ଙ୍କ ନାମରେ ଟେଣ୍ଡର ପେପର ସହିତ ଟେଣ୍ଡର ବାକ୍ସରେ ମୁଦ ଲଫାପାରେ ପକାଇବାକୁ ଜଣାଇଦିଆଗଲା । ଜଉମୁଦ ଟେଣ୍ଡର ଆସନ୍ତା ତା୧୭.୧୧.୨୦୨୨ରିଖ ଦିବା ୧୧ଘଟିକା ସମୟରେ ଟେଣ୍ଡର ଦାତା କିମ୍ବା ତାଙ୍କର କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଖୋଲାଯିବ । କର୍ତ୍ତୃପକ୍ଷ ଇଚ୍ଛା କଲେ ବିନା ନୋଟିସରେ କୌଣସି କାରଣ ନ ଦର୍ଶାଇ ଟେଣ୍ଡର ରଦ୍ଦ କରି ପାରିବେ । ଯେଉଁ SHG / ALF ଟେଣ୍ଡର ପାଇବେ, ସେ ପରିଷଦର ନିର୍ଦ୍ଦେଶ ଅନୁଯାୟୀ ତଥା ଚୁକ୍ତି ପତ୍ର ସର୍ତ୍ତାବଳୀ ମୁତାବକ ମିଶନ୍ ଶକ୍ତି କାଫେ ପରିଚାଳନା କରିବେ । ଗୋଟିଏ ମାତ୍ର ଟେଣ୍ଡର ପଡିଥିଲେ କିମ୍ବା ଅପ୍‌ସେଟ୍ ମୂଲ୍ୟଠାରୁ କମ୍ ମୂଲ୍ୟ ଥିବା ଟେଣ୍ଡରକୁ ଗ୍ରହଣ କରାଯିବ ନାହିଁ ଏବଂ ଉକ୍ତ ଟେଣ୍ଡର ସଙ୍ଗେ ସଙ୍ଗେ ବାତିଲ କରାଯିବ । କୌଣସି ସର୍ତ୍ତ ଖିଲାପ କଲେ କିମ୍ବା ନିୟମ ଅନୁଯାୟୀ କାଫେ ପରିଚାଳନା ନକଲେ ଟେଣ୍ଡର ରଦ୍ଦ କରାଯିବା ସଙ୍ଗେ ସଙ୍ଗେ ଦାଖଲ କରାଯାଇଥିବା ସମସ୍ତ ଟଙ୍କା ବ୍ୟାଜ୍ୟାପ୍ତ କରାଯିବ । ଏଥି ପାଇଁ କର୍ତ୍ତୃପକ୍ଷ ଦାୟି ରହିବେ ନାହିଁ ।

| କ୍ର. ନଂ. | ଟେଣ୍ଡରର ନାମ | ଟେଣ୍ଡର କାର୍ଯ୍ୟକାଳ | ଅପ୍‌ସେଟ୍ ମୂଲ୍ୟ (ବାର୍ଷିକ) | ଅମାନତ ମୂଲ୍ୟ |
|---|---|---|---|---|
| ୧ | ବିର୍ସା ମୁଣ୍ଡା ପାର୍କର କାଫେ | ତା୧.୧୨.୨୦୨୨ରିଖ ଠାରୁ ତା୩୦.୧୧.୨୦୨୪ରିଖ ପର୍ଯ୍ୟନ୍ତ | ଟ.୩୦,୦୦୦ଙ୍କା | ଟ.୨୦,୦୦୦ଙ୍କା |

## ସର୍ତ୍ତାବଳୀ

୧-ଟେଣ୍ଡରରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ SHG / ALF ରାଇରଙ୍ଗପୁର ପୌର ପରିଷଦର ରେଜେଷ୍ଟ୍ରିଭୁକ୍ତ ହୋଇଥିବେ ।

୨-ସ୍ଵୟଂ ସହାୟିକା ଗୋଷ୍ଠି / ଆଂଚଳିକ ମହାସଂଘକୁ ତା୩୧.୧୦.୨୦୨୨ରିଖ ସୁଦ୍ଧା ସର୍ବ ନିମ୍ନ ଏକ ବର୍ଷ ହୋଇଥିବ ।

୩- SHG / ALF ର ନିୟମିତ ସଭା ବିବରଣୀ ଲିପିବଦ୍ଧ ହୋଇଥିବ ଓ ଅନ୍ୟାନ୍ୟ ଖାତାପତ୍ର (ଅପ୍‌ଡେଟ୍) ଥିବ

୪- SHG / ALF ର ପାନ୍ କାର୍ଡ ଥିବା ଜରୁରୀ ଅଟେ ।

୫- SHG / ALF ର ଏକ ସକ୍ରିୟ ବ୍ୟାଙ୍କ ଜମାଖାତା ଥିବ ଯେଉଁଥିରେ କି ନିୟମିତ ମାସିକ ସଂଚୟ ହେଉଥିବ

୬-ଯେଉଁ SHG / ALF ମିଶନ୍ ଶକ୍ତି କାଫେ ପରିଚାଳନା କରିବା ନିମନ୍ତେ ଚୟନ ହେବେ , ସେ ଚୟନ ହେବାର ୬ମାସ ମଧରେ ସୋସାଇଟି ପଞ୍ଜିକରଣ ୧୮୬୦ ଅଧିନରେ ପଞ୍ଜିକୃତ କରାଇବେ ।

୭-ସର୍ବୋଚ୍ଚ ଟେଣ୍ଡରକୁ ନିର୍ବାହୀ ଅଧିକାରୀ ଗ୍ରହଣ କରିବାକୁ କିମ୍ବା ଟେଣ୍ଡର ଚୁଡାନ୍ତ ହେବା ପରେ କୌଣସି ଅହେତୁକ ଅଭିଯୋଗ, ଅନୁରୋଧ ଶୁଣିବା ପାଇଁ ବାଧ ନୁହନ୍ତି ।

୮-ପରିଷଦର କର୍ମଚାରୀ କିମ୍ବା ସେମାନଙ୍କ ପରିବାରର କୌଣସି ବ୍ୟକ୍ତି ଉକ୍ତ ଟେଣ୍ଡରରେ ଅଂଶ ଗ୍ରହଣ କରି ପାରିବେ ନାହିଁ ।

୯-ଯେଉଁ SHG / ALF ଟେଣ୍ଡରରେ ସମାନ ଅପ୍‌ସେଟ୍ ମୂଲ୍ୟ ପ୍ରଦାନ କରି ଆବେଦନ କରିଥିବେ ସେମାନଙ୍କ ମଧରେ ଲଟେରୀ ମାଧମରେ ଚୟନ କରାଯିବ ।

୧୦-ଯେଉଁ SHG / ALF ସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରି ମିଶନ ଶକ୍ତି କାଫେ ପରିଚାଳନା ପାଇଁ ଚୟନ ହେବେ, ସେମାନେ ଧାର୍ଯ୍ୟ କରାଯାଇଥିବା ଅମାନତ ରାଶି କାର୍ଯ୍ୟାଳୟରେ ପଇଠ କରିବା ପରେ ପୌର ପରିଷଦ କାର୍ଯ୍ୟାଳୟ ସହ ଚୁକ୍ତି ପତ୍ର ସଂପାଦନ କରିବେ । ଚୁକ୍ତିପତ୍ର ସଂପାଦନ କଲା ପରେ କାର୍ଯ୍ୟାଳୟରୁ ଅନୁମତି ପତ୍ର ଗ୍ରହଣ କରିବେ ।

୧୧-ବିର୍ସା ମୁଣ୍ଡା ପାର୍କ ଖୋଲାଯାଇଥିବା ନିର୍ଦ୍ଧାରିତ ସମୟ ମଧରେ ହିଁ ମିଶନ ଶକ୍ତି କାଫେ ଖୋଲି ପାରିବେ ।

୧୨-ଏହି ମିଶନ ଶକ୍ତି କାଫେରେ SHG / ALF ମାନେ କେବଳ କାର୍ଯ୍ୟାଳୟ ନିୟମାନୁଯାୟୀ ଅନୁମତି ପ୍ରଦାନ କରାଯିବା ଖାଦ୍ୟ ନିର୍ଦ୍ଧାରିତ ସମୟ ସୀମା ମଧରେ ପରିବେଷଣ କରିପାରିବେ ।

୧୩-ମିଶନ ଶକ୍ତି କାଫେ ପରିଚାଳନା ନିମନ୍ତେ ଚୟନ ହୋଇଥିବା SHG / ALF ଙ୍କର ଅନୁମତି ପତ୍ର ଦୁଇ ବର୍ଷ ପାଇଁ ବଳବତ୍ତର ରହିବ ।

୧୪-ଚୟନ ହୋଇଥିବା SHG / ALF ମାନେ କାର୍ଯ୍ୟାଳୟ ଦ୍ଵାରା ପ୍ରଦତ୍ତ ଚୁକ୍ତି ସଂପାଦନ କରିବାକୁ ବାଧ ହେବେ ଏବଂ ମିଶନ ଶକ୍ତି କାଫେ ପରିଚାଳନା ସମୟରେ କରାଯାଇଥିବା ଚୁକ୍ତିର ଅବମାନନା କଲେ ସେମାନଙ୍କର ଅନୁମତି ପତ୍ର କର୍ତ୍ତୃପକ୍ଷ ରଦ୍ଦ କରିପାରିବେ ।

ନିର୍ବାହୀ ଅଧିକାରୀ
ରାଇରଙ୍ଗପୁର ପୌର ପରିଷଦ

ପରିପତ୍ର ସଂଖ୍ୟା ୩୧୮୧ ତା ୦୨/୧୧/୨୦୨୨

ଏହାର ଏକକିତା ନକଲ CLF ଓ ସମସ୍ତ ALF ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ
ରାଇରଙ୍ଗପୁର ପୌର ପରିଷଦ

ପରିପତ୍ର ସଂଖ୍ୟା ୩୧୮୨ ତା ୦୨/୧୧/୨୦୨୨

ଏହାର ଏକକିତା ନକଲ କାର୍ଯ୍ୟାଳୟ ସୂଚନା ଫଳକରେ ପ୍ରକାଶନ ନିମନ୍ତେ ଦିଆଗଲା ।

ନିର୍ବାହୀ ଅଧିକାରୀ
ରାଇରଙ୍ଗପୁର ପୌର ପରିଷଦ

ପରିପତ୍ର ସଂଖ୍ୟା ୩୧୮୩ ତା ୦୨/୧୧/୨୦୨୨

ଏହାର ଏକକିତା ନକଲ **MIS Computer Programmer**, ରାଇରଙ୍ଗପୁରଙ୍କୁ କାର୍ଯ୍ୟାଳୟ ୱେବ୍ ସାଇଟ୍‌ରେ ବ୍ୟାପକ ପ୍ରକାଶନ ନିମନ୍ତେ ଦିଆଗଲା ।

ନିର୍ବାହୀ ଅଧିକାରୀ
ରାଇରଙ୍ଗପୁର ପୌର ପରିଷଦ

ପରିପତ୍ର ସଂଖ୍ୟା ୩୧୮୪ ତା ୦୨/୧୧/୨୦୨୨

ଏହାର ଏକକିତା ନକଲ ଅଧକ୍ଷ / ଉପାଧକ୍ଷାଙ୍କ ସଦୟ ଅବଗତି ନିମନ୍ତେ **ପ୍ରେରଣ କରାଗଲା** ।

ନିର୍ବାହୀ ଅଧିକାରୀ
ରାଇରଙ୍ଗପୁର ପୌର ପରିଷଦ

ପରିପତ୍ର ୩୧୮୫ ତା ୦୨/୧୧/୨୦୨୨

ଏହାର ଏକକିତା ନକଲ ସମସ୍ତ ପାରିଷଦଙ୍କ ସଦୟ ଅବଗତି ନିମନ୍ତେ **ପ୍ରେରଣ କରାଗଲା** ।

ନିର୍ବାହୀ ଅଧିକାରୀ
ରାଇରଙ୍ଗପୁର ପୌର ପରିଷଦ

ପରିପତ୍ର ସଂଖ୍ୟା ୩୧୮୬ ତା ୦୨/୧୧/୨୦୨୨

ଏହାର ଏକକିତା ନକଲ **ସମନ୍ୱିତ ଶିଶୁ ବିକାଶ ଯୋଜନା** ଅଧିକାରୀ, ରାଇରଙ୍ଗପୁରଙ୍କ ସଦୟ ଅବଗତି ଏବଂ ତାଙ୍କ କାର୍ଯ୍ୟାଳୟ ସୂଚନା ଫଳକରେ ପ୍ରକାଶନ ନିମନ୍ତେ **ପ୍ରେରଣ କରାଗଲା** ।

ନିର୍ବାହୀ ଅଧିକାରୀ
ରାଇରଙ୍ଗପୁର ପୌର ପରିଷଦ

ପରିପତ୍ର ସଂଖ୍ୟା ୩୧୮୭ ତା ୦୨/୧୧/୨୦୨୨

ଏହାର ଏକକିତା ନକଲ ଉପଜିଲ୍ଲାପାଳ, ବାମନଘାଟୀ, ରାଇରଙ୍ଗପୁରଙ୍କ ସଦୟ ଅବଗତି ଏବଂ ତାଙ୍କ କାର୍ଯ୍ୟାଳୟ ସୂଚନା ଫଳକରେ ପ୍ରକାଶନ ନିମନ୍ତେ **ପ୍ରେରଣ କରାଗଲା** ।

ନିର୍ବାହୀ ଅଧିକାରୀ
ରାଇରଙ୍ଗପୁର ପୌର ପରିଷଦ